# ଧାନ ବସ୍ତା ରଖି ରାଜପଥ ଅବରୋଧ

- ମଣ୍ଡିରେ ଅବ୍ୟବସ୍ଥା
- ଖୋଲା ପଡ଼ିଆରେ ଭିଜୁଛି ଧାନ
- ବର୍ଷା ଯୋଗୁ ଚିନ୍ତାରେ ଚାଷୀ



ଚାଷୀମାନେ ରାସ୍ତାରେ ଧାନବସ୍ତା ପକାଇ ବସି ରହିଛନ୍ତି।

ପାଟଣା,୨୩।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହାରପଡା ବ୍ଲକରେ ଧାନ ମଣ୍ଡିରେ ଧାନ ବିକ୍ରିକୁ ନେଇ ଅବ୍ୟବସ୍ଥା ଦେଖାଦେଇଛି। ଏହାର ପ୍ରତିବାଦରେ ୬୦ରୁ ଉର୍ଦ୍ଧ୍ୱ ଚାଷୀ ରବିବାର ପାଟଣା ସାହାରପଡା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ଟଭାସରୁଆ ଠାରେ ରାସ୍ତା ଉପରେ ଧାନ ବସ୍ତା ରଖି ଅବରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଏହି ଶାଖା ଲ୍ୟାମ୍ପସ ଅନ୍ତର୍ଗତ ୧୨ରୁ ଉର୍ଦ୍ଧ୍ୱ ଗାଁ ବରବେଡା, ତେଣ୍ଡେରା, ନୂଆ ଗାଁ, କୁଣ୍ଡଳା, କପୁଣ୍ଡି, ସରସ୍ୱତୀପଡା, ଖଜୁରୀ ଡିହା, ଟଭାସରୁଆ, ବଡ଼ବିଲ ଓ ତିଳ ବେଡା ଆଦିର ଏହି ଚାଷୀ ମାନେ ଟଭାସରୁଆ ଶାଖା ସମବାୟ ସମିତିର ଶନିବାର ବାରି ଥିବାରୁ ମଣ୍ଡିକୁ ଶୁକ୍ରବାର ଠାରୁ ଧାନ ବିକ୍ରି କରିବାକୁ ଆସିଥିଲେ। ଏଠାରେ ୩ ଦିନ ହେବ ଲ୍ୟାମ୍ପର କୌଣସି କର୍ମଚାରୀ କିମ୍ବା ଯୋଗାଣ ବିଭାଗର କୌଣସି କର୍ମକର୍ତ୍ତା ଙ୍କ ଦେଖା ପାଇ ନ ଥିଲେ ବୋଲି ଆନ୍ଦୋଳନକାରୀ ଚାଷୀ କହିଛନ୍ତି। ଧାନ କ୍ରୟରେ ଅବ୍ୟବସ୍ଥା ଯୋଗୁ ଶନିବାର ୨୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଲାପ୍ସ ହୋଇଯାଇଛି। ଖୋଲା ପଡ଼ିଆରେ ଧାନ ରଖି ଶୁକ୍ରବାର ଠାରୁ ଚାଷୀ ରାତ୍ରି ଅନିଦ୍ରା ହୋଇ ଧାନକୁ ଜଗି ବସିଛନ୍ତି। ଏଣେ ରବିବାର ଠାରୁ ବର୍ଷା ଆରମ୍ଭହୋଇ ଚାଷୀଙ୍କ ଦୁଃଖ ଆହୁରି ବଢ଼ାଇ ଦେଇଛି। ମଣ୍ଡିକୁ ଆସିଥିବା ଧାନ ବର୍ଷାରେ ଭିଜି ଗଜା ହେବାର ଆଶଙ୍କା ଦେଖା ଦେଇଛି। ବର୍ଷା ଦାଉରୁ ଧାନକୁ ରକ୍ଷା କରିବାକୁ ଚାଷୀ ଧାନ ଗଦା ଉପରେ ପାଲ ଓ ପଲିଥିନ ଟାଣି ସୁରକ୍ଷିତ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି। ଘଟଣା ସ୍ଥଳରେ ପାଟଣା ପୋଲିସ ପକ୍ଷରୁ ସାହାରପଡା ଫାଣ୍ଡି ଅଧିକାରୀ ଶିବ ପ୍ରସାଦ ଆଇଚ, ଏସଆଇ ଶିବଶଙ୍କର ଆଲଦା ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ଫଳରେ ଅପରାହ୍ଣରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଛି।

## ସଂକ୍ଷେପରେ

### ପ୍ରେମିକାଙ୍କୁ ତଣ୍ଟି ଚିପି ହତ୍ୟା: ପ୍ରେମିକ ଗିରଫ

ପାଟଣା,୨୩।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ଯୁବକ ତାଙ୍କ ପ୍ରେମିକାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗରେ ରବିବାର ଠାକୁରମୁଣ୍ଡା ପୋଲିସ ତାଙ୍କୁ ଗିରଫ କରିଛି। ସେ ହେଲେ ପାଟଣା ମଝି ସାହିର ତପନ କୁମାର ମହାରଣା। ତପନ କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ବଡ଼ ଗମ୍ଭାରୀଆ ଗାଁର ମୃଦୁହାସିନୀ ପାତ୍ରଙ୍କୁ ପ୍ରେମ କରୁଥିଲେ। କରଞ୍ଜିଆ ଏସ୍‌ଡିପିଓ ସୁଦର୍ଶନ ଗଙ୍ଗେଇଙ୍କ ସୂଚନା ଅନୁଯାୟୀ, ମୃଦୁହାସିନୀ ପାଟଣା ବଜାରରେ ଥିବା ଏକ ଡ୍ରେସ ଦୋକାନକୁ ଡିସେମ୍ବରରେ ମାର୍କେଟିଙ୍ଗ କରିବାକୁ ଆସିଥିବା ବେଳେ ତାଙ୍କର ତପନଙ୍କ ସହ ଦେଖାହୋଇଥିଲା। ତପନ ବିବାହିତ ଥିବାରୁ ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେବାକୁ ମୃଦୁହାସିନୀ ଚାପ ପକାଉଥିଲେ। ଗତ୧୯ ତାରିଖରେ ଠାକୁରମୁଣ୍ଡା ଥାନା ଅଞ୍ଚଳର ଭୀମକୁଣ୍ଡ ରାସ୍ତା ଖଣ୍ଡବନ୍ଧ ଗାଁ ଜଙ୍ଗଲରୁ ମୃଦୁହାସିନୀଙ୍କ ମୃତଦେହ ଜବତ ହୋଇଥିଲା। ଠାକୁରମୁଣ୍ଡା ଥାନା ଅଧିକାରୀ ପ୍ରେମଦା ନାଏକ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗତ ୧୮ ତାରିଖରେ ଚୁନିରେ ତଣ୍ଟି ଚିପି ହତ୍ୟା କରିଥିବା ତପନ ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ପୋଲିସ ଏନେଇ ଏକ ହତ୍ୟାଜନିତ (ନଂ.୧୨/୨୨) ମାମଲା ରୁଜୁ କରି ସୋମବାର ତପନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦେଇଛି।

### ଅପହରଣ ପରେ ଗଣବଳାତ୍କାର ଅଭିଯୋଗ: ୨ ଗିରଫ

ସାରସକଣା,୨୩।୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ଗଣବଳାତ୍କାର ଅଭିଯୋଗରେ ୨ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମନୋଜ ସିଂ ଓ ଅନୀଲ ସିଂ। ଏନେଇ ଝାରପୋଖରିଆ ଥାନାରେ ମାମଲା(ନଂ.୧୪/୨୨) ରୁଜୁ ହୋଇଛି। ନାବାଳିକାଙ୍କ ଡାକ୍ତରୀ ମାଇନା ସହ ମାଜିଷ୍ଟ୍ରେଟଙ୍କ ନିକଟରେ ପାଖରେ ହାଜର କରାଇ ବୟାନ ରେକର୍ଡ କରାଯାଇ ୱାନଷ୍ଟପ୍ ସେଣ୍ଟରରେ ରଖାଯାଇଛି। ପୀଡିତାଙ୍କ ଭାଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ମନୋଜ ୧ ବର୍ଷ ଧରି ତାଙ୍କ ଭଉଣୀଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ସଫଳ ନ ହେବାରୁ ଗତ ସୋମବାର ତାଙ୍କୁ ଉଠାଇ ନେଇ ବଳାତ୍କାର କରି ସାଙ୍ଗ ଅନୀଲଙ୍କ ଘରେ ଛାଡ଼ିଦେଇ ପଳାଇଥିଲା। ଉକ୍ତ ରାତିରେ ଅନୀଲ ମଧ ବଳାତ୍କାର କରି ପରଦିନ ସକାଳୁ ପୀଡିତାଙ୍କୁ ମାଡ଼ ମାରି ଘରୁ ବାହାର କରିଦେଇଥିଲେ।

### ଗାଡ଼ି ଧକ୍କାରେ ନାବାଳକଙ୍କ ମୃତ୍ୟୁ

ଯୋଡ଼ା,୨୩।୧(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଜରିବାହାଲ ଠାରେ ରବିବାର ଏକ ଗାଡ଼ି ଧକ୍କାରେ କାହ୍ନୁ ସିଡାରି ନାମକ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ଯୋଡ଼ା - ବାମେବାରି ରାଜ୍ୟ ରାଜପଥର ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଆମ୍ବୁଲାନ୍ସ ନ ମିଳିବାରୁ ଏକ ଘଣ୍ଟା ଧରି ଗୁରୁତର ଅବସ୍ଥାରେ ନାବାଳକ ଜଣକ ପଡ଼ିରହିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ବିଶ୍ୱାସ ସଂଘର ସମ୍ପାଦକ ରିଙ୍କୁ ନାଏକ ନିଜ ବୋଲେରୋରେ ଯୋଡ଼ା ସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଳମ୍ବରେ ନାବାଳକଙ୍କୁ ଡାକ୍ତରଖାନା ନେବାରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ଅଭିଯୋଗ କରି ସ୍ଥାନୀୟ ଲୋକେ ପ୍ରାୟ ୨ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

### କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଖଇରା, ୨୩।୧(ଡି.ଏନ.ଏ.): ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଶନିବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପ୍ରଫେସର ଉମେଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଡମ୍ବରୁଧର ବାରିକ ସମ୍ପାଦିକା ସରସ୍ୱତୀ ସାହୁ, ସହ ଶିକ୍ଷୟିତ୍ରୀ ବାସନ୍ତୀଲତା ଜେନା, ଲତିକା ପ୍ରଧାନ, ପ୍ରିୟଙ୍କା ବିଶ୍ୱାଳ, ଖବରଦାତା କୈଳାସ ଚନ୍ଦ୍ର ଦାସ, ନରେନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ୩ୟ ଶ୍ରେଣୀରେ ବୃତ୍ତିଧାରୀ ଛାତ୍ରୀ ପାୟଲ ପ୍ରିୟାଂଶୀ ମଲ୍ଲିକ, ଗାୟତ୍ରୀ ମଥାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରିତାରାଣୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

### କେନ୍ଦ୍ର ମନ୍ତ୍ରୀଙ୍କ ମାଡ଼ ପ୍ରତିବାଦରେ ଆଜିଠୁ କଳା ବ୍ୟାଜ୍ ପରିଧାନ

ବାରିପଦା ଅଫିସ,୨୩।୧: ଦୁଇ ସରକାରୀ ଅଧିକାରୀଙ୍କୁ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମାଡ଼ ମାରିବା ଘଟଣାର ପ୍ରତିବାଦରେ ସୋମବାର ଠାରୁ ମୟୂରଭଞ୍ଜ ଜିଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ପ୍ରତିବାଦ ସ୍ୱରୂପ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ ବୋଲି ରବିବାର ସନ୍ଧ୍ୟାରେ ପ୍ରେସ ବିବୃତି ଜରିଆରେ ଜଣାଇଛନ୍ତି।

## ପୋଲ ବାଡ଼ା ସହ ୨୦ଫୁଟ ତଳକୁ ଖସିଲା ଅତଡ଼ା



ସଜନାଗଡ, ୨୩।୧(ଡି.ଏନ.ଏ.)

ବାଲେଶ୍ୱରରୁ ମୟୂରଭଞ୍ଜ ଜିଲାକୁ ସଂଯୋଗ କରିଥିବା ଶେରଗଡ଼-ନୀଳଗିରି-ଝରଣାଘାଟି ୧୯ନଂ. ରାଜ୍ୟ ରାଜପଥ ନୀଳଗିରି ନିକଟ ସଜନାଗଡ଼ ଦେଇ ଯାଇଥିବା ବଡ଼ ପୋଲ ବାଡା ସହ ୨୦ଫୁଟ ତଳକୁ ଅତଡା ଖସିଯାଇଛି। ରବିବାର ମୟୂରଭଞ୍ଜକୁ ସଂଯୋଗ କରୁଥିବା ଉକ୍ତ ପୋଲ ଉପରେ ଯାନବାହନ ଚଳାଚଳ ବନ୍ଦ କରିଦିଆଯାଇଛି। ଏସ୍‌ଡିଓ ଓ କନିଷ୍ଠଯନ୍ତ୍ରୀ ପହଞ୍ଚି ଅନୁଧ୍ୟାନ କରିବା ପରେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେବଳ ୨ ଚକିଆ ଯାନକୁ ଯା'ଆସ ପାଇଁ ଅନୁମତି ମିଳିଥିବା ବେଳେ ଅନ୍ୟ ସମସ୍ତ ଯାନବାହାନ ଚଳାଚଳ ବନ୍ଦ କରାଯାଇଛି। ଏପରିକି ଆମ୍ବୁଲାନ୍ସ, ଦମକଳ ଗାଡ଼ି ଯାତାୟାତ ବନ୍ଦ କରାଯାଇଛି। ଝିପି ଝିପି ବର୍ଷାରେ ରାସ୍ତା ବିଚ୍ଛିନ୍ନ ନ ହେବା ପାଇଁ ବାଲି ବସ୍ତା ପ୍ୟାକିଂ କରାଯାଉଛି। ଅତଡ଼ା ଖସିବା ସମୟରେ କାମ କରୁଥିବା ଶ୍ରମିକମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବିଭାଗୀୟ ଅଧିକାରୀମାନେ ଜେନେରେଟର ବ୍ୟବସ୍ଥା କରାଇ ଅଧିକ ଶ୍ରମିକ ଲଗାଇ ବାଲିବସ୍ତା ପକାଇଛନ୍ତି।

## ମୟୂରଭଞ୍ଜକୁ କେନ୍ଦ୍ରଶାସିତ ଅଞ୍ଚଳ ଦାବିକଲା ଭଞ୍ଜସେନା


ପ୍ରତିଷ୍ଠା ଉତ୍ସବରେ ଭଞ୍ଜସେନାର କର୍ମକର୍ତ୍ତା।

ବାରିପଦା ଅଫିସ,୨୩।୧

ମୟୂରଭଞ୍ଜ ଜିଲାକୁ କେନ୍ଦ୍ରଶାସିତ ଅଞ୍ଚଳ କରିବାକୁ ଏକମାତ୍ର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ଦାବି ହୋଇଛି। ରବିବାର ୨୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସଙ୍ଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପ୍ରକାଶ କରିଛନ୍ତି। ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ ରାଜ୍ୟରେ ମୟୂରଭଞ୍ଜ ଜିଲା ସର୍ବବୃହତ୍ତ ଭାବେ ଦୃଷ୍ଟିରେ ରଖି ସେନା ପକ୍ଷରୁ ଦାବି ଜୋର ଧରିଛି। ଜିଲାରେ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏପରି ଆନ୍ଦୋଳନ କରିବାର ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିପରି ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ମିଶ୍ରଣ ସମୟରେ ଚୁକ୍ତିନାମାକୁ ସାର୍ବଜନୀନ କରିବା ସହିତ ଜିଲାକୁ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରିବା ପାଇଁ ଜିଲାରୁ ୨୫ହଜାର ଯୁବକ, ବୁଦ୍ଧିଜୀବୀ ଓ ବ୍ୟକ୍ତିବିଶେଷଙ୍କୁ ନେଇ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନ ଆରମ୍ଭ କରାଯିବ। ପ୍ରତିଷ୍ଠା ଉତ୍ସବ ଅବସରରେ ମୟୂରଭଞ୍ଜ ମାଟିର ଗାରିମା ସୃଷ୍ଟି କରିଥିବା ମହାନ ବ୍ୟକ୍ତିବିଶେଷଙ୍କ ସମ୍ମାନ ଉଦ୍ଦେଶ୍ୟରେ ଭୂମିପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ପିଣ୍ଟୁ ମାଇତି, ସତ୍ୟସ୍ୱରୂପ ଦାସ, ନିମାଇଁ ତ୍ରିପାଠୀ, ରାକେଶ ସିଂ, ରାକେଶ ବେହେରା, ବାଜୁନ ହାଁସଦାଃ, ସାମନ୍ତ ଶେଖର ପାଲ, ଚନ୍ଦନା ଦାସ, ମାନସ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ।

## ଶିମିଳିପାଳ ବନାଗ୍ନି ରୋକିବାକୁ ସଚେତନତା

ବାରିପଦା ଅଫିସ,୨୩।୧

ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଓ ବନାଗ୍ନିରୁ ମୁକ୍ତି ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାଗ ମୟୂରଭଞ୍ଜ ଜାଗ ସଙ୍ଗଠନର ପ୍ରତିଷ୍ଠାତା ଅରୁଣ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିମିଳିପାଳ ସଂଲଗ୍ନ ଅଞ୍ଚଳବାସୀଙ୍କୁ ନାଟକ ମାଧ୍ୟମରେ ସଚେତନ କରିଛନ୍ତି। ଶିମିଳିପାଳକୁ ସୁରକ୍ଷା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଶିକାରୀ ଓ କାଠ ମାଫିଆଙ୍କ ଅବାଧ ପ୍ରବେଶକୁ ବନ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଅଭୟାରଣ୍ୟକୁ ସୁରକ୍ଷା ଦେଲେ ଦେଶବାସୀ ସୁରକ୍ଷିତ ରହିବେ ବୋଲି ବନବାସୀ ଓ ଆଦିବାସୀଙ୍କୁ କହିଥିଲେ। ଜଙ୍ଗଲ ସୁରକ୍ଷା ବନବିଭାଗ ଓ ଅଞ୍ଚଳବାସୀଙ୍କ ଗୁରୁ ଦାୟିତ୍ୱ ଥିବା ବେଳେ ଶିମିଳିପାଳର ଶିକାରୀଙ୍କୁ ଧରାଇଦେଲେ ସଙ୍ଗଠନ ପକ୍ଷରୁ ପୁରସ୍କୃତ କରାଯିବ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୋନାଲୀ ପ୍ରିୟଦର୍ଶିନୀ ବେହେରା, ତପସ୍ୱିନୀ ରଣା, ସୁହାଗି ବିନ୍ଧାଣୀ, ପଙ୍କଜ ଲୁହାରୀ, ଟୁନ ଟୁନ ସାହୁ, ସଞ୍ଜିବ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି।

## ସମାଜର ବିକାଶ ପାଇଁ ସ୍ୱାଭିମାନୀ ହେବାକୁ ଆହ୍ୱାନ



ଭଦ୍ରକ ଅଫିସ, ୨୩।୧

୧୨୫ତମ ନେତାଜୀ ଜୟନ୍ତୀ

ଭାରତର ରାଷ୍ଟ୍ରନାୟକ ତଥା ଆଜାଦ ହିନ୍ଦ୍ ଫୌଜର ପ୍ରତିଷ୍ଠାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମଜୟନ୍ତୀକୁ ଖାଲି ଭାରତ ନୁହେଁ, ସାରା ବିଶ୍ୱରେ ମଧ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲାର ଚାନ୍ଦବାଲି ବ୍ଲକ ଅଧୀନ କରଣ ପୋଖରୀ ଗ୍ରାମର ପ୍ରମୁଖ ଅନୁଷ୍ଠାନ ନେତାଜୀ ସାଂସ୍କୃତିକ ଯୁବ ପରିଷଦ (ଏନ୍‌ଏସ୍‌ୱାଇପି) ପକ୍ଷରୁ ରବିବାର ବିବିଧ କାର୍ଯ୍ୟକ୍ରମ ସହ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭଦ୍ରକର ବରିଷ୍ଠ ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ମହାନ୍ତି ଯୋଗଦେଇ କହିଥିଲେ ଯେ, ଭାରତୀୟ ଯୁବ ସମାଜ ପର ପାଖରେ ଗୁଲାମ ନ କରି ନିଜ ମାଟି ମା' ପାଇଁ କାମ କରୁ, ଫଳରେ ସମାଜର ବିକାଶ ସାଙ୍ଗକୁ ନିଜର ସ୍ୱାଭିମାନ ମଧ ବୃଦ୍ଧି ପାଇବ। ସେହିଭଳି ଜଣେ ସ୍ୱାଭିମାନୀ ଯୁବକ ସମାଜ ପରିବର୍ତ୍ତନର ବାହକ ହୋଇପାରିବ ବୋଲି ମହାନ୍ତି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଳଗୋହିରା ଗ୍ରା.ପ.ର ସରପଞ୍ଚ ଇଂ. ଆଶୁତୋଷ ଭୋଇ, ବରିଷ୍ଠ ଆଇନଜୀବୀ ମଳୟ କୁମାର ଭୋଇ, ସାମାଜିକ କର୍ମୀ ଶରତ ଦାଶ, କ୍ଷୀରସିନ୍ଧୁ ନାୟକ, ଅକ୍ଷୟ ନାୟକ, ଟୁକୁ ରାମ ଭୋଇଙ୍କ ସମେତ ପରିଷଦର ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। ଜୟନ୍ତୀର ପ୍ରଥମ ପର୍ଯ୍ୟାୟରେ ପରିଷଦର ନୂତନ ଗୃହପ୍ରତିଷ୍ଠା ସହ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସ୍ଥାନୀୟ ଅଞ୍ଚଳରେ କୋଭିଡ୍ ସଚେତନତା ଓ ସାମଗ୍ରୀ ବଣ୍ଟନ ସହିତ ପରିଷଦ ପରିସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଶେଷରେ କୋଭିଡ୍ କଟକଣା ମଧ୍ୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପରିଷଦର କାର୍ଯ୍ୟକାରୀ ସଦସ୍ୟ ରାଜନାରାୟଣ ଭୋଇ, ପ୍ରଫୁଲ୍ଲ ଦାଶ, ବିକାଶ ବଳ, ସୁକାନ୍ତ ନାୟକ, ବିଜୟ ବିଶ୍ୱାଳ, ସିପୁ ଭୋଇଙ୍କ ସମେତ ବହୁ ସ୍ଥାନୀୟ ଯୁବକ ପରିଚାଳନା କରିଥିଲେ। ବରିଷ୍ଠ ଓ କନିଷ୍ଠ ସଦ୍ୟସଙ୍କ ସହିତ ବୟସ୍କମାନେ ମଧ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## କୂଅରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ ହତ୍ୟା ଅଭିଯୋଗ

ବାରିପଦା ଅଫିସ,୨୩।୧

୫ ଦିନ ଧରି ନିଖୋଜ ଥିବା ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ରେଣୁଗାଁ ଗ୍ରାମର ପଙ୍କଜ କୁମାର ମହାନ୍ତ ନାମକ ଯୁବକଙ୍କ ଗଳିତ ମୃତଦେହ ରବିବାର କୂଅରୁ ପୋଲିସ ଜବତ କରିଛି। ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ, ଥାନାଧିକାରୀ ରେଣୁବାଳା ସାହୁ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଯୁବକଙ୍କ ଶୋଇବା କୋଠରୀରେ ରକ୍ତଛିଟା ପଡ଼ିଥିବା ଓ ପ୍ରମାଣ ନଷ୍ଟ ପାଇଁ ରକ୍ତ ପୋଛା ଯାଇଥିବା ଦେଖି ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତ ପଙ୍କଜଙ୍କ ବାପା ସୁବାସ ମହାନ୍ତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ପଙ୍କଜ ଗତ ବୁଧବାର ଗାଁ ନିକଟସ୍ଥ ଏକ ବାହାଘର ଉତ୍ସବକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି ଜାରି ରଖିଥିଲେ। ରବିବାର ଘର ନିକଟ ଏକ କୂଅରେ ପଙ୍କଜଙ୍କ ମୃତଦେହ ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି କୂଅରୁ ମୃତଦେହ ବାହାର କରିଥିଲେ। ତେବେ ପଙ୍କଜଙ୍କ ଡାହାଣ କାନ ପାଖରେ ଗଭୀର କ୍ଷତ ରହିଛି। ଏହାକୁ ଦେଖି ସନ୍ଦେହ ଉପୁଜିବାରୁ ଶୋଇବା କୋଠରୀ କାନ୍ଥ, କବାଟ ଓ ଫ୍ୟାନ୍ ସମେତ ବିଭିନ୍ନ ସ୍ଥାନରେ ରକ୍ତ ଛିଟା ଲାଗିଥିବା ଦେଖିବାକୁ ମିଳିଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ରକ୍ତଛିଟା ପୋଛିବାକୁ ଉଦ୍ୟମ କରାଯାଇଥିବା ନେଇ ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରିଛି। ପୋଲିସ ସନ୍ଦେହରେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

## ସୂର୍ଯ୍ୟ ନମସ୍କାର ଅଭ୍ୟାସ, ଯୋଗପ୍ରଶିକ୍ଷଣ


ସୂର୍ଯ୍ୟ ନମସ୍କାର ପ୍ରଶିକ୍ଷଣ ଦିଆଯାଉଛି।

ବାଲେଶ୍ୱର ଅଫିସ, ୨୩।୧

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଇଞ୍ଚୁଡ଼ିଠାରେ ଅଲ୍ ଓଡ଼ିଶା ଯୋଗ ଏଜୁକେଶନ ଓ ରିସର୍ଚ୍ଚ ସଙ୍ଗଠନର ଆହ୍ୱାନକ୍ରମେ ସୂର୍ଯ୍ୟ ନମସ୍କାର ଅଭ୍ୟାସ ବର୍ଗ ଓ ଯୋଗ ପ୍ରଶିକ୍ଷଣ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ସଙ୍ଗଠନ ସଭାପତି ଗୋବର୍ଦ୍ଧନ ସାହୁ ସଭାପତିତ୍ୱ କରିଥିଲେ।

ପ୍ରଥମେ ରାଷ୍ଟ୍ରହିତ ପାଇଁ ରାଷ୍ଟ୍ରଯଜ୍ଞ କରାଯାଇଥିଲା। ଯଜ୍ଞ କାର୍ଯ୍ୟରେ ଦିବ୍ୟରଞ୍ଜନ ମହାନ୍ତି ରାଷ୍ଟ୍ର ହିତ ପାଇଁ ଆହୂତି ପ୍ରଦାନ କରିଥିଲେ। ସାମୂହିକ ସୂର୍ଯ୍ୟ ନମସ୍କାର ପ୍ରଶିକ୍ଷଣ ଓ ଅଭ୍ୟାସ କରାଯାଇଥିଲା। ସୂର୍ଯ୍ୟ ନମସ୍କାର ପ୍ରଶିକ୍ଷଣ ଅଭ୍ୟାସ ବର୍ଗରେ ଭାରତ ସ୍ୱାଭିମାନ ଟ୍ରଷ୍ଟର ଜିଲା ପ୍ରଭାରୀ କରୁଣାକର ଶିଅଳ, ମହିଳା ପ୍ରଭାରୀ ଯଶୋମତି ଶିଅଳ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଉତ୍କଳ ଯୋଗ ଓ ବୈଦିକ ଏକାଡ଼େମୀର ସମ୍ପାଦକ ମୁକ୍ତିକାନ୍ତ ପାଣିଗ୍ରାହୀ ଓ ପତଞ୍ଜଳିର ଜିଲା ପ୍ରଭାରୀ ମନୋଜ କୁମାର ଦେ ଏନ୍‌ଏଚ୍‌ଏମ୍‌ର ଯୋଗ ଶିକ୍ଷକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ବ୍ୟକ୍ତିମାନଙ୍କୁ ସୂର୍ଯ୍ୟ ନମସ୍କାର ଅଭ୍ୟାସ କରାଇଥିଲେ। ଶେଷରେ ଉପସ୍ଥିତ ଶତାଧିକ ଲୋକେ ସୂର୍ଯ୍ୟ ନମସ୍କାର ଓ ଯୋଗକୁ ବ୍ରତ ଭାବେ ଗ୍ରହଣ କରିବେ ବୋଲି ଶପଥ ନେଇଥିଲେ। ଅନଲାଇନ୍ ଯୋଗେ ୨ଶହରୁ ଅଧିକ ଯୋଗ ଶିକ୍ଷକ ଅଭ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଅବନ୍ତୀରାଣି ଦାସ, ଲିପ୍‌ସିତା ଖଟୁଆ, ମଞ୍ଜୁଲତା ପାଣିଗ୍ରାହୀ, ରମେଶ ବେହେରା ପ୍ରମୁଖ ସହଯୋଗ କରିଥିବା ବେଳେ ଶତାଧିକ ଯୋଗପ୍ରେମୀ ଓ ବହୁ ଅଭିଜ୍ଞ ଯୋଗ ଶିକ୍ଷକ ଉପସ୍ଥିତ ଥିଲେ।

## ପ୍ରଚାର ପୂର୍ବରୁ ଜଳଙ୍ଗ ଚଣ୍ଡୀଙ୍କୁ ଆରାଧନା

ଖଇରା, ୨୩।୧(ଡି.ଏନ.ଏ.)

ସିମୁଳିଆ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରଚାରର ମଙ୍ଗ ଧରିଥିବା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଶନିବାର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଏହାପୂର୍ବରୁ ସେ ଖଇରା ବ୍ଲକର ଜଳଙ୍ଗ-ଗଣ୍ଡିବେଡସ୍ଥିତ ପ୍ରସିଦ୍ଧ ଜଳଙ୍ଗ ଚଣ୍ଡୀଙ୍କୁ ଆରାଧନା କରିଥିଲେ। ତାଙ୍କ ସହ ୬ନଂ. ଜୋନର ଜିଲା ପରିଷଦ ପ୍ରାର୍ଥୀ ସୁଷମା ମହାପାତ୍ର, ସରପଞ୍ଚ ପ୍ରାର୍ଥୀ ମନ୍ଦାକିନୀ ଦାସ, ନାରାୟଣ ଦାସ ଓ ଅଧିକାଂଶ ୱାର୍ଡସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ସ୍ୱସ୍ତିକ ଫାଇଟର ଉଦଳା ଚାମ୍ପିୟନ

### କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କୁଆମରା, ୨୩।୧ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ ଆରପଟା ପଞ୍ଚାୟତ ଖିରିପଦା ଗ୍ରାମର ହରିବଳଦେବ କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ୫ମ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରୁ ଟ୍ରିପଲ ଇଲେଭେନ, ଗୋପାଲ ଇଲେଭେନ, ମହୁଲଡିହି ମୟୂରଭଞ୍ଜ, ସ୍ୱସ୍ତିକ ଫାଇଟର ଉଦଳା, ରେମୁଣା ଇଲେଭେନ, ସହଦେବ ଖୁଣ୍ଟା ବାଲେଶ୍ୱର, ରାଡୋ ଇଲେଭେନ ଓ ବାଲୁକେଶ୍ୱର କ୍ରିକେଟ ଟିମ୍ ମୟୂରଭଞ୍ଜ ଏଥିରେ ଅଂଶଗ୍ରହଣ କରିଥିଲେ। ସ୍ୱସ୍ତିକ ଫାଇଟର ଉଦଳା ଓ ରେମୁଣା ଇଲେଭେନ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବର୍ଷା ବାଧକ ସାଜିବାରୁ ଶେଷରେ ଦୁଇ ଓଭର ଲେଖାଏ ଖେଳ କରିବାକୁ ଆସୋସିଏଶନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଟସ୍ ଜିଣି ରେମୁଣା ଇଲେଭେନ ୩ ଉଇକେଟ ହରାଇ ୧୯ ରନ୍ କରିଥିଲା। ଜବାବରେ ଉଦଳା ୧ ଓଭର ୪ ବଲ୍‌ରେ ୨ ଉଇକେଟ ହରାଇ ଆବଶ୍ୟକ ରନ୍ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପରିଡ଼ା ଓ ଭାବଗ୍ରାହୀ ବେହେରା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଭାଗବତ ବେହେରା ଓ ପ୍ରଶାନ୍ତ ମିଶ୍ର ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ।

## ଦିବ୍ୟଜ୍ୟୋତି ରାଇଜିଂ ଷ୍ଟାର ଚାମ୍ପିୟନ


ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଖେଳାଳି।

ବାଲିଆପାଳ, ୨୩।୧(ସ୍ୱ.ପ୍ର.)

ବାଲିଆପାଳ ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତର କାଉମାରି କ୍ରିକେଟ ପଡ଼ିଆଠାରେ ରବିବାର କାଳୀମାତା କ୍ରିକେଟ୍ କ୍ଲବ କୁମାରୀ ପକ୍ଷରୁ ଅନୁଷ୍ଠିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଦିବ୍ୟଜ୍ୟୋତି ରାଇଜିଂ ଷ୍ଟାର ଚାମ୍ପିୟନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଜୟ ଜଗନ୍ନାଥ ଏକ୍ୱାଟିକ ଏବଂ ଦିବ୍ୟଜ୍ୟୋତି ରାଇଜିଂ ଷ୍ଟାର ମଧ୍ୟରେ ଚୂଡାନ୍ତ ପ୍ରତିଯୋଗିତା ହୋଇଥିଲା। ଜୟ ଜଗନ୍ନାଥ ଏକ୍ୱାଟିକ ମାନ୍ଧାତା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୫୧ ରନ କରିଥିବା ବେଳେ ଦିବ୍ୟଜ୍ୟୋତି ରାଇଜିଂ ଷ୍ଟାର ଲଙ୍ଗଳେଶ୍ୱର ଟିମ୍ ତିନି ଉଇକେଟ୍‌ରେ ୧୧.୩ ଓଭରରେ ୧୫୭ ରନ କରି ବିଜୟ ହୋଇଥିଲା।

ମୁଖ୍ୟଅତିଥି ଭାବେ ହୃଷିକେଶ ପଣ୍ଡା ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ସହିତ ୨୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବାବାଜୀ ଦେହୁରୀ ଯୋଗଦେଇ ରନର୍ସଅପ୍‌କୁ ଟ୍ରଫି ସହିତ ୨୧ହଜାର ଟଙ୍କାର ଚେକ୍ ପ୍ରଦାନ କରିଥଲେ। ଦିବ୍ୟଜ୍ୟୋତି ରାଇଜିଂଷ୍ଟାର ଟିମ୍‌ର ଦିବ୍ୟଜ୍ୟୋତି ଦାସମହାପାତ୍ର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହି ଟିମ୍‌ର ଅଭିମନ୍ୟୁ ସାହୁ ମ୍ୟାନ ଅଫ ଦି ସିରିଜ ହୋଇଛନ୍ତି। ପଶ୍ଚିମବଙ୍ଗର ତୀର୍ଥଶଙ୍କର ଭୂୟାଁ ଏବଂ ଲଙ୍ଗଳେଶ୍ୱରର ଶୁଭ୍ରାଂଶୁ ବାରିକ ଖେଳ ପରିଚାଳନା ଏବଂ ଆଦିତ୍ୟ ପରିଡ଼ା ଡିଜିଟାଲ ସ୍କୋରବୋର୍ଡ ଦାୟିତ୍ୱ ନିର୍ବାହ କରିଥିଲେ। କଳୀମାତା କ୍ରିକେଟ୍ କ୍ଲବ ସଭାପତି ଦୟାନିଧି ପରିଡ଼ା, ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ସଦସ୍ୟ ଅକ୍ଷୟ ସାମନ୍ତରାୟ, ଶାନ୍ତନୁ ସାମନ୍ତରାୟ, ସଞ୍ଜୟ ପରିଡ଼ା, ଜୟନ୍ତ ନାୟକ, ନଳିନୀ ଦାସ, ଦୀପକ ଗିରି, କାହ୍ନୁ ଜେନା, ବିନୟ ସାମନ୍ତରାୟ, ଅଭୟ ସାମନ୍ତ ରାୟ, ସୁଶାନ୍ତ ମାହାନ୍ତି, ଅଭିଷେକ ପଢ଼ିହାରି, କାହ୍ନୁ ଗିରି, କାମଳଲୋଚନ ମହାନ୍ତି, ସୁରସେନ ସାମନ୍ତ ରାୟଙ୍କ ସହିତ କ୍ଲବର ସମସ୍ତ ସଦସ୍ୟ ଖେଳରେ ସାମିଲ ରହିବା ସହିତ ସମସ୍ତ କାର୍ଯ୍ୟ ତୁଲାଇଥିଲେ।

## ପ୍ରତିଷ୍ଠା ଦିବସରେ ଫଳ, ମାସ୍କ ବାଣ୍ଟିଲେ

ବାଙ୍ଗିରିପୋଷି, ୨୩।୧ (ଡି.ଏନ.ଏ.)

ମୟୂରଭଞ୍ଜର ଯୁବ-ଛାତ୍ର ସଙ୍ଗଠନ ଭଞ୍ଜସେନାର ପ୍ରତିଷ୍ଠା ଦିବସ ଅବସରରେ ବାଙ୍ଗିରିପୋଷି ସଂଘ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ କରାଯାଇଛି। ରୋଗୀଙ୍କ ସମେତ ତାଙ୍କ ପରିଚାରକମାନଙ୍କୁ ଫଳ ଓ ମାସ୍କ ବଣ୍ଟା ଯାଇଛି। ସଙ୍ଗଠନର ଜିଲା ଉପସଭାପତି ସନ୍ତୋଷ ଗିରି, ସାଧାରଣ ସମ୍ପାଦକ ମନୋରଞ୍ଜନ ବାରିକ, ଯୁବନେତା ସତ୍ୟପ୍ରକାଶ ମହାନ୍ତି, ସ୍ୱେଚ୍ଛାସେବୀ କ୍ରିଷ୍ଣାଚନ୍ଦ୍ର ମୁଖି, ସୁଜିତ ସାହୁ, ହୃଷିକେଶ ସେଠି, ମନୋରଞ୍ଜନ ନାଏକ, ନରୋତ୍ତମ ବେହେରା, ରାଜେଶ ବାରିକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଘନକୁହୁଡ଼ି ବଳୟରେ ବାରିପଦା** | ବାରିପଦା ଅଫିସ: ମୟୂରଭଞ୍ଜ ଜିଲା ବାରିପଦା ସମେତ ଶିମିଳିପାଳ ଅଭୟାରଣ୍ୟ ଘନ କୁହୁଡ଼ି ପରିଲକ୍ଷିତ ହୋଇଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଶୀତର ପ୍ରକୋପ ବୃଦ୍ଧି ପାଇଥିବା ବେଳେ କୁହୁଡ଼ିର ଘନତା ୧୦ରୁ ୧୫ମିଟର ରହିଛି। ଯାନବାହାନ ଲାଇଟ ଓ ଇଣ୍ଡିକେଟର ଦେଇ ଯାତାୟାତ କରୁଥିବା ବେଳେ ଅପରାହ୍ନରେ ବୃଷ୍ଟିପାତ ହୋଇଛି। ରବିବାର ସକାଳ ଠାରୁ ଜିଲାର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଥିବା ବେଳେ ଘନ କୁହୁଡ଼ି ଓ କୋହଲା ପାଗକୁ ନେଇ ଲୋକେ ଘରୁ ବାହାରିବାକୁ ସାହାସ କରିପାରୁ ନାହାନ୍ତି। ପାଣିପାଗ ବିଭାଗ ପକ୍ଷରୁ ସୂଚନା ପାଇ ଲୋକମାନେ ସତର୍କତା ଅବଲମ୍ବନ କରିଛନ୍ତି।

# ମୌଳିକ ସୁବିଧା ନ ମିଳିଲେ ଭୋଟ ବର୍ଜନ

**କେନ୍ଦୁଝର, ୨୩।୧ (ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ ହୋଇଯାଇଥିବା ବେଳେ ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତର ବଡ଼ଖମଣ ଗ୍ରାମର ଲୋକ ମାନେ ରାସ୍ତା ଓ ପାଣି ପାଇଁ ନିର୍ବାଚନରେ ଭୋଟ ଦେବାରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଛନ୍ତି। ବଣପାହାଡ ଘେରା ଦୁର୍ଗମ ଗ୍ରାମରେ ପାଖାପାଖି ୮୦ ପରିବାର ରହୁଥିବାବେଳେ ଭୋଟର ସଂଖ୍ୟା ୨ ଶହରୁ ଅଧିକ ହେବ। ଏହି ଗ୍ରାମରେ ସବୁଦିନିଆ ରାସ୍ତା ନାହିଁ କିମ୍ବା ପିଇବା ପାଇଁ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏଣୁ ବହୁ କଷ୍ଟରେ ଯିବା ଆସିବା କରୁଥିବା ବେଳେ ନଦୀ ଓ ନାଳ ପାଣି ସେମାନଙ୍କ ସାହା ଭରସା ହୋଇଛି । ବର୍ଷା ଦିନରେ ୪ ରୁ ୬ ମାସ ସେମାନେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଆନ୍ତି। ଯାତାୟାତ ବନ୍ଦ ଯୋଗୁ ସେଠାରୁ ୪ କି.ମି. ଦୂରରେ ଥିବା ପଞ୍ଚାୟତ ମୁଖ୍ୟାଳୟକୁ ରାଶନ ସାମଗ୍ରୀ ଆଣିବାକୁ ମଧ୍ୟ ବାହାରି ପାରନ୍ତି ନାହିଁ। ପିଲା ମାନେ ପାଠ ପଢିବାକୁ ସ୍କୁଲକୁ ଯାଇ ପାରନ୍ତି ନାହିଁ। ପ୍ରତ୍ୟେକ ବର୍ଷ ପଞ୍ଚାୟତ ବା ସାଧାରଣ ନିର୍ବାଚନ ଆସିଲେ ପାଣି ଓ ରାସ୍ତା ସମସ୍ୟା ଦୂର ହୋଇଯିବ ବୋଲି ପ୍ରତିଶ୍ରୁତି ମିଳିଥାଏ। ନିର୍ବାଚନ ସରିଗଲେ ଆମ ସମସ୍ୟାକୁ ସରପଞ୍ଚ ଠାରୁ ଆରମ୍ଭ କରି ଅନ୍ୟମାନେ ଭୁଲିଯାଆନ୍ତି। ଏଣୁ ବାଧ ହୋଇ ଆମେ ଏଭଳି ନିଷ୍ପତ୍ତି ନେଉଛୁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ରୋଗୀ ବା ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବାକୁ ହେଲେ ବିପଦ ଶଙ୍କୁଳ ଅବସ୍ଥାରେ ବୋହିକି ନଦୀ ପାର କରି ନେବାକୁ ପଡେ ବୋଲି ମହିଳା ମାନେ କହିଛନ୍ତି ।


ତାଳପଦା ପଞ୍ଚାୟତର ବଡଖମଣ ଗ୍ରାମବାସୀ।

ଏନେଇ ତେଲକୋଇ ବିଡିଓ ପି.ଚାନ୍ଦ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କ ସହିତ ଆଲୋଚନା କରିଥିଲେ ହେଁ ଲୋକମାନେ ଦୃଢ଼ ପ୍ରତିଶ୍ରୁତିକୁ ଅପେକ୍ଷା କରି ନିଜ ନିଷ୍ପତ୍ତିରେ ଅଟଳ ରହିଛନ୍ତି। ଏବେ ନିର୍ବାଚନ ଆରମ୍ଭ ହୋଇ ସାରିଥିବାରୁ ନିର୍ବାଚନରେ ଭାଗ ନେଇଥିବା ଦଳ, ପ୍ରାର୍ଥୀ ତଥା ପ୍ରଶାସନ କିପରି ସେମାନଙ୍କୁ ମନାଇ ଭୋଟଦାନକୁ ନିଶ୍ଚିତ କରିବେ ସେ ଉପରେ ସମସ୍ତଙ୍କ ନଜର ରହିଛି। ଏନେଇ ତାଳପଦା ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରୋଦ ନାୟକ କହିଛନ୍ତି, ଜଙ୍ଗଲ ଜମି ରାସ୍ତା ଥିବାରୁ ରାସ୍ତା ନିର୍ମାଣରେ ସମସ୍ୟା ଉପୁଜିଛି। ଏଥିପାଇଁ ପ୍ଲାନ ପ୍ରସ୍ତୁତ ସରିଛି। ରାସ୍ତା ହେଲେ ପୋଲ ନିର୍ମାଣ ହେବ ଏବଂ ଯାତାୟାତ ସୁବିଧା ହେବା ପରେ ନଳକୂପ ଖନନ ତଥା ଅନ୍ୟାନ୍ୟ ଉନ୍ନୟନ ମୂଳକ କାମ ହୋଇ ପାରିବ।

## ସଂକ୍ଷେପରେ

### ଧାନ କିଣାକୁ କେନ୍ଦ୍ର କରି ଉତ୍ତେଜନା

**ଆନନ୍ଦପୁର,୨୩।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ଗଡ଼ବାନ୍ଧଗୋଡାରେ ଧାନ କିଣାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ଜଣେ ଚାଷୀ ସମବାୟ ସମିତିକୁ ଧାନ ବିକ୍ରି ପାଇଁ ଯାଇଥିବା ସମୟରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କେତେକ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସମ୍ପୃକ୍ତ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରଣାସ୍ତ୍ର ସହିତ କଥାକଟାକଟି ଭଳି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ରାମଚନ୍ଦ୍ରପୁର ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ୪ ମଦ ବ୍ୟବସାୟୀ ଗିରଫ

**ପାଟଣା,୨୩।୧(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ଅଧିକାରୀ ଜନାର୍ଦ୍ଦନ ପଲେଇଙ୍କ ନେତୃତ୍ୱରେ ରବିବାର ପାଟଣା ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ଚଢ଼ାଉ କରି ବେଆଇନ ମଦ ବିକ୍ରି ଓ ପ୍ରସ୍ତୁତି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୁକୁଡ଼ିଆ ପଶି ସାହିର ବେଣୁଧର ମହାନ୍ତ, ପଡିଆପଶି ଗ୍ରାମର ସଦା ନାଏକ, ଜାମୁଦାର ସୁଷମା ନାଏକ ଓ ଖୀରେଇଟାଙ୍ଗିରୀ ଗ୍ରାମର ରଞ୍ଜୁଲତା ନାଏକ। ଏମାନଙ୍କ ଠାରୁ ମୋଟ ୩୮ ଲିଟର ମହୁଲି ମଦ ଜବତ ହୋଇଛି।

### ଧାନ ଗଦା ଜଳିଗଲା

**ରାଇରଙ୍ଗପୁର, ୨୩।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ବଡ଼ମୌଜା ଗ୍ରାମର ଚାଷୀ ପିଥ ମାଝୀଙ୍କ ଖଳାରେ ଥିବା ୨ ବିଡ଼ା ଧାନ ଗଦା ରବିବାର ଅପରାହ୍ନରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଖବରପାଇ ରାଇରଙ୍ଗପୁର ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

### ପୋଖରୀରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

**ଡେଙ୍କିକୋଟ, ୨୩।୧(ଡି.ଏନ.ଏ):** କେନ୍ଦୁଝର ଜିଲା ଡେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପଇଦାପାଟଣା ଗ୍ରାମରେ ରବିବାର ଅପରାହ୍ନରେ ପୋଖରୀରେ ବୁଡି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତିଲୋତ୍ତମା ମହାନ୍ତ (୨୮)। ସେ ବଡ଼ବନ୍ଧକୁ ଗାଧେଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ପୋଖରୀ ପାହାଚରେ ଗୋଡ ଖସିଯିବାରୁ ସେ ଗଭୀର ଦଳକୁ ପଳେଇଥିଲେ। ପରିବାର ଲୋକେ ଖବରପାଇ ତାଙ୍କୁ ଉଦ୍ଧାର କରିବା ବେଳଙ୍କୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡେଙ୍କିକୋଟ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୨) ରୁଜୁ କରି ତଦନ୍ତ ଚଳାଇଛି।

### ଡାକ୍ତରଙ୍କ ପରଲୋକ



**ଭଦ୍ରକ ଅଫିସ, ୨୩।୧:** ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ମିର୍ଜା ମହମ୍ମଦ ଫାଜଲ୍ ରବ୍(୭୯)ଙ୍କ ପୁରୁଣାବଜାର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଶେଷ ସମୟରେ ତାଙ୍କର ଏକମାତ୍ର ପୁଅ ବରପଦା ଇଞ୍ଜିନିୟରିଂ କଲେଜର ପ୍ରଫେସର ମିର୍ଜା ସାଜିଦ୍‌ଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଅସୁରକ୍ଷିତ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗଲା ମାଙ୍କଡ଼ ଜୀବନ



**ଜଳେଶ୍ୱର, ୨୩।୧(ଡି.ଏନ.ଏ.):** ବାଲେଶ୍ୱର ଜିଲାର ଜଳେଶ୍ୱର ବିଦ୍ୟୁତ୍ ଡିଭିଜନ ଅନ୍ତର୍ଗତ ମହମ୍ମଦନଗର ପାଟଣା ଗାଁରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଏକ ମାଙ୍କଡର ଜୀବନ ଯାଇଛି । ଟ୍ରାନ୍ସଫର୍ମର ଚାରିପଟେ ତାରଜାଲି ବାଡ ନ ଥିବା ବେଳେ ଅନାବନା ଲଟାରେ ପରିପୂର୍ଣ୍ଣ । ଫଳରେ ବିଦ୍ୟୁତ୍ ସଂଯୋଗରେ ଆସି ଗୃହପାଳିତ ପ୍ରାଣୀ, ମଣିଷ, ବନ୍ୟ ଜୀବଜନ୍ତୁ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। କେତେକ ଟ୍ରାନ୍ସଫର୍ମରରେ ଏବି ସୁଇଚ୍ ନ ଥିବାରୁ କୌଣସି ଘଟଣାକ୍ରମରେ ସ୍ଥାନୀୟ ଲୋକେ କିମ୍ବା କର୍ମଚାରୀ ବିଦ୍ୟୁତ୍ ସଂଯୋଗ କାଟିବାକୁ ଚାହିଁଲେ ମଧ୍ୟ ତାହା ସମ୍ଭବ ହୋଇପାରୁନାହିଁ।

# ଇ-ପତ୍ରିକା 'କୁମାରୀ' ଲୋକାର୍ପିତ


ଇ-ପତ୍ରିକା ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

**ବାଲେଶ୍ୱର ଅଫିସ, ୨୩।୧**

ବାଲେଶ୍ୱର ଜିଲା ନାରୀ ସଂଘ ପାଠାଗାର ପରିସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ଜ୍ଞାନଶ୍ରୀ ପକ୍ଷରୁ ମହିଳା ଭିତ୍ତିକ ଇ-ପତ୍ରିକାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପ୍ରଶାନ୍ତ କୁମାର ପଟେଲ ସଂଯୋଜନା କରିଥିଲେ। ସାମାଜିକ କର୍ମୀ ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହିତ ଆଜିର ଭାଷା ଓ ସାହିତ୍ୟ ମୁଖ୍ୟତଃ ବୟସ୍କ ଏବଂ ମଧ୍ୟମ ବୟସ୍କ ବ୍ୟକ୍ତିମାନଙ୍କ ମଧ୍ୟରେ ସୀମିତ ରହୁଥିବାବେଳେ ଇ-ପତ୍ରିକା ସର୍ବଦା ମୋବାଇଲରେ ବ୍ୟସ୍ତ ରହୁଥିବା ଆଜିର ଯୁବପିଢ଼ିମାନଙ୍କୁ ଭାଷା ଓ ସାହିତ୍ୟ ପ୍ରତି ରୁଚି ସୃଷ୍ଟି କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ ।

ମୁଖ୍ୟବକ୍ତା ଭାବେ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଇ-ପତ୍ରିକା ସହଜରେ ବହୁ ପାଠକଙ୍କ ପାଖରେ ପହଞ୍ଚିବାର ଏକ ମାଧ୍ୟମ ଏବଂ ଏହାକୁ ନିରନ୍ତର ପ୍ରକାଶ କଲେ ଏହା ପାଠକୀୟ ଆଦୃତି ଲାଭ କରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୁବକବି କ୍ଷୀରୋଦ ବିହାରୀ ବିଶ୍ୱାଳ ଯୋଗଦେଇ ଡିଜିଟାଲ ଯୁଗରେ ଇ-ପତ୍ରିକା ଲେଖକ ଏବଂ ପାଠକଙ୍କ ମହଲରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ମତବ୍ୟକ୍ତ କରିଥିଲେ। ପତ୍ରିକାର ଉପଦେଷ୍ଟା ଅଭିମନ୍ୟୁ କାନୁନ୍‌ଗୋ ଫକୀରମୋହନଙ୍କ ମାଟିରୁ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହିତ ଉନ୍ନତମାନର ଲେଖା ପ୍ରକାଶ କରିବାକୁ ମତବ୍ୟକ୍ତ କରଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ କବି ସୁଧାକର ସେଠୀଙ୍କ ସଂଯୋଜନାରେ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କବି ଇନାୟତ ଅଲ୍ଲୀ ଖାନ ଏବଂ ନୃତ୍ୟାଙ୍ଗନା ରୋନାଲିସା ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇଥିଲେ। କବି ପ୍ରଶାନ୍ତ ଦାସ, ଅଭିମନ୍ୟୁ କାନୁନ୍‌ଗୋ, ଇନାୟତ ଅଲ୍ଲି, ଉଷାରାଣୀ ଦାସ, ସସ୍ମିତା ସାହୁ, ତାନଶ୍ରୀ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ସାହୁ, ରତ୍ନାକର ସିଂ, ସୁବାସ ସ୍ୱାଇଁ, ପ୍ରବୀର କମିଲା, ସୁବ୍ରତା ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ସଙ୍ଗଠନର ଅନ୍ୟତମ ସଦସ୍ୟ ଗୋପବନ୍ଧୁ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ଚିରନ୍ତନ ବାନାର୍ଜୀ, କୈଳାଶ ମଲ୍ଲିକ, ହିମାଂଶୁ ଜେନା, ସପନ ସିଂ, ଶିବଶଙ୍କର ମହାପାତ୍ର, ସ୍ୱସ୍ତିକ ମହାପାତ୍ର ଓ ଚନ୍ଦନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଇଞ୍ଜିନିୟର ଜିଲା ପରିଷଦ ପ୍ରାର୍ଥୀ

**ବାସୁଦେବପୁର,୨୩।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ୨୦ ନଂ. ଜୋନ୍‌ରୁ ଜିଲା ପରିଷଦ ସଭ୍ୟ ପାଇଁ ବିଜେଡି ପକ୍ଷରୁ ନୂଆ ଚେହେରା ଇଂ. ମାନସ କୁମାର ସେଠୀ ପ୍ରାର୍ଥୀ ହୋଇଛନ୍ତି। ବାସୁଦେବପୁର ଅଞ୍ଚଳର ଜଣେ ମେଧାବୀ ଛାତ୍ର ଭାବେ ପରିଚିତ ମାନସ ଭୁବନେଶ୍ୱରର ସୋଆ ୟୁନିଭର୍ସିଟିରୁ ୨୦୧୪ରେ ବିଟେକ୍ ପାସ୍ କରିଛନ୍ତି। ସେ ପ୍ରଥମେ ଏକ ଚାକିରି କରିଥିବା ବେଳେ କିଛିଦିନ ପରେ ଲୋକଙ୍କୁ ସେବା ଯୋଗାଇବା ଲକ୍ଷ୍ୟରେ ଚାକିରି ଛାଡ଼ି ଦେଇଥିଲେ। ଏହାପରେ ନିଜ ଗ୍ରାମ କିଷ୍ମତକୃଷ୍ଣପୁର ଓ ଆଖପାଖ ଅଞ୍ଚଳର ଲୋକଙ୍କ ସୁଖଦୁଃଖରେ ନିଜକୁ ସାମିଲ କରିଥିଲେ। ଚଳିତ ନିର୍ବାଚନରେ ବିଜେଡି ମାନସଙ୍କୁ ପ୍ରାର୍ଥୀ କରି ରାଜନୀତିରେ ପାଠ ପଢ଼ୁଆ ପିଲାଙ୍କୁ ଦଳ ଅଗ୍ରାଧିକାର ଦେଉଥିବା ପ୍ରମାଣ କରିଛି। ମାନସ କହନ୍ତି, ପିଲାଦିନରୁ ଲୋକଙ୍କୁ ସେବା ଯୋଗାଇବା ତାଙ୍କର ଲକ୍ଷ୍ୟ। ରାଜନୀତିରେ ସିଧାସଳଖ ସାମିଲ ହୋଇ ତାଙ୍କର ଏହି ସ୍ୱପ୍ନକୁ ସାକାର କରିପାରିବେ। ଯୁବଗୋଷ୍ଠୀଙ୍କ ହାତରେ ରାଜ୍ୟ ଓ ଦେଶର ଭବିଷ୍ୟତ ଥିବାରୁ ଉଚ୍ଚଶିକ୍ଷିତ ଯୁବକମାନେ ରାଜନୀତିକୁ ଆସିବା ଆବଶ୍ୟକ ବୋଲି ସେ କହିଛନ୍ତି।


ମାନସ କୁମାର ସେଠୀ।

# ରାଜନୀତିରେ ପାଦ ଦେଲେ ପିଏଚ୍‌ଡି ଛାତ୍ର

**ପଦ୍ମପୁର, ୨୩।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲୁଙ୍ଗା ଗ୍ରାମର ପିଏଚ୍‌ଡି ଛାତ୍ର ମାନସ କୁମାର ସାହୁ ୧୮ ନଂ. ଜୋନ୍ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପରିସଂଖ୍ୟାନରେ ପିଏଚ୍‌ଡି କରୁଥିବା ମାନସ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରି ଚର୍ଚ୍ଚାକୁ ଆସିଛନ୍ତି। ୨୦୧୨ରେ ସେ ଭଦ୍ରକ ମହା ବିଦ୍ୟାଳୟରେ ଛାତ୍ର ସଭାପତି ଥିଲେ। ବାଣୀବିହାର ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା ସମୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରାଜ୍ୟରୁ ପ୍ରତିନିଧି କରିବା ସହ ସାଙ୍ଗଠନିକ କାର୍ଯ୍ୟକଳାପରେ ଭାଗ ନେଇ ଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କଠାରୁ ସେ ଶିକ୍ଷାରେ ଆଗରେ ଥିବା ଜଣାଯାଇଛି। ନିର୍ବାଚନ ଜିତିଲେ ଅଞ୍ଚଳର ଯୁବବର୍ଗଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଆତ୍ମନିର୍ଭର କରାଇବା ସହ ଯୁବତୀ ଯୁବକଙ୍କୁ ଶିକ୍ଷାରେ ମାର୍ଗଦର୍ଶନ କରାଇବେ ବୋଲି ମାନସ କହିଛନ୍ତି।


ମାନସ କୁମାର ସାହୁ।

# ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ବାଲେଶ୍ୱର ଅଫିସ, ୨୩।୧**

ବାଲେଶ୍ୱର ଟାଉନ ହଲ୍ ପରିସରରେ ନେତାଜୀ ଜୟନ୍ତୀ କମିଟି ପକ୍ଷରୁ ବିଶିଷ୍ଟ ଜନନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଟାଉନହଲ୍ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନେତାଜୀଙ୍କ ନୀତି ଓ ଆଦର୍ଶ ଭାରତର ଯୁବ ସମାଜ ପାଇଁ ସବୁଦିନ ପ୍ରେରଣା ହୋଇରହିଥିବ ବୋଲି ସେ କହିଥିଲେ। ନେତାଜୀ ଜୟନ୍ତୀ କମିଟି ସଭାପତି ବିଶିଷ୍ଟ ଶିକ୍ଷାବିତ୍ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଅଧ୍ୟକ୍ଷତା କରିବା ସହିତ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଜଣାଇଥିଲେ। ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନେତାଜୀଙ୍କ ଜୀବନାଦର୍ଶ ଓ ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଖବରଦାତା ବିପ୍ଳବ କୁମାର ମହାନ୍ତି ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ ବରେଣ୍ୟ ଅତିଥି ଭାବେ ଯୋଗଦେଇ ନେତାଜୀଙ୍କ ନୀତି ଓ ଆଦର୍ଶ ସହିତ ତାଙ୍କର ଅମର ବଳିଦାନ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। କମିଟି ସମ୍ପାଦିକା ମଞ୍ଜୁଲତା ମହାନ୍ତି ଧନ୍ୟବାଦ ଦେଇଥିଲେ।

ସେହିପରି ବାଲେଶ୍ୱର ଭାଜପା ଜିଲା କାର୍ଯ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଜିଲା ମିଡ଼ିଆ ସେଲ ସଂଯୋଜକ ଶ୍ରୀନିବାସ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ମୁଖ୍ୟଅତିଥି ଭାବେ ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚାର ଉପସଭାପତି ସେକ୍ ରଫିକ୍ ଓ ବକ୍ତା ଭାବରେ ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଯୋଗଦେଇ ନେତାଜୀଙ୍କ ସ୍ମୃତିଚାରଣ, ତାଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବମୋର୍ଚ୍ଚା ଉପସଭାପତି ସୁବୋଧ ଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିଲେ। ନଗର ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂଖ୍ୟାଲଘୁ ମୋର୍ଚ୍ଚାର ନଗର ସଭାପତି ସେକ ଅଫଜଲ୍, ସଞ୍ଜୀବ ପ୍ରଧାନ, କାର୍ତ୍ତିକ ପତ୍ର, ସେକ ହଲିମ୍, ପ୍ରଶାନ୍ତ ମାନା, ରିୟାଯୁଦ୍ଦିନ ଖାଁ, ମୋନାଜ୍ କୁମାର ସାହୁ ଓ ସମର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।


ନେତାଜୀ ଜୟନ୍ତୀ କମିଟି ପକ୍ଷରୁ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରାଯାଉଛି।

# ୨ ଜୋନରେ ପ୍ରାର୍ଥୀ ଦେଇପାରିଲାନି କଂଗ୍ରେସ

**କେନ୍ଦୁଝର, ୨୩।୧ (ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କେନ୍ଦୁଝର ଜିଲାର ସମସ୍ତ ଜୋନ୍‌ରେ କଂଗ୍ରେସ ପ୍ରାର୍ଥୀ ଦେଇପାରିନାହିଁ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଜିଲାରେ କଂଗ୍ରେସ ପ୍ରାର୍ଥୀ ନ ମିଳିବା ପ୍ରମୁଖ ଆଲୋଚ୍ୟର ବିଷୟ ହୋଇଛି। ଗୁରୁତ୍ୱପୂର୍ଣ୍ଣ ଯୋଡା ବ୍ଲକର ଦୁଇଟି ଜୋନ୍‌ରେ ପ୍ରାର୍ଥୀ ଦେଇ ନ ପାରିବା ଦଳର ଦୁର୍ବଳ ସ୍ଥିତିକୁ ପଦାରେ ପକାଇଛି ବୋଲି ଚର୍ଚ୍ଚା ହେଉଛି। ଏପରିକି ଗତ ନିର୍ବାଚନରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ଟିକଟ ପାଇଥିବା ଯଦୁମଣି ବାରିକ ନିଜ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଦେବା ନେଇ ଦାୟିତ୍ୱ ନେଇଥିଲେ ହେଁ ଦେଇ ନ ପାରିବା ତାଙ୍କର ଦକ୍ଷତାକୁ ନେଇ ଖୋଦ୍ ଦଳୀୟ ନେତା ଓ କର୍ମୀ ପ୍ରଶ୍ନ କରୁଛନ୍ତି। ଦଳର ନେତୃତ୍ୱ ତଥା ଜିଲାର ଓବିସି ମୋର୍ଚ୍ଚା ସଭାପତି ତାଙ୍କୁ ଦାୟିତ୍ୱ ଦେଇ ପୁରସ୍କୃତ କରିବା ନେଇ ଦଳ ଓ ଦଳ ବାହାରେ ବିରୋଧାଭାସ ଦେଖାଦେଇଛି। ଏନେଇ ଜିଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର କହିଛନ୍ତି, ପ୍ରାର୍ଥୀ ଦେଇ ନ ପାରିବା ଦୁଃଖଦ ବିଷୟ। କିନ୍ତୁ ଓବିସି ସଭାପତି ପାଇଁ ତାଙ୍କ ନାମ ପୂର୍ବରୁ ଯାଇଥିଲା। ଏନେଇ ବିଚାର କରାଯିବ। ସଦର ବ୍ଲକ ସଭାପତି ଉତ୍ତମ ସାହୁ କହିଛନ୍ତି, କଂଗ୍ରେସ ଭଳି ପୁରୁଣା ରାଜନୈତିକ ଦଳ ପ୍ରାର୍ଥୀ ନ ପାଇବା ଏବଂ ଦାୟିତ୍ୱ ଦିଆଯାଇଥିବା ବ୍ୟକ୍ତିଙ୍କୁ ଏନେଇ ପଚାରିବା ବଦଳରେ ଉଚ୍ଚ ପଦବୀ ଦେବା ଦୁଃଖଦ ବିଷୟ । ଜିଲା ଓ ରାଜ୍ୟ ସଙ୍ଗଠନ ଏହାର ବିଚାର କରିବେ।

# 'ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ କ୍ଷୀତିଶ'

**ଭଦ୍ରକ ଅଫିସ,୨୩।୧**

ଭଦ୍ରକର ବିପ୍ଳବୀ କମ୍ୟୁନିଷ୍ଟ ନେତା ସିପିଆଇ (ଏମ୍‌ଏଲ୍)ର ସଂଗ୍ରାମୀ କ୍ଷୀତିଶ ବିଶ୍ୱାଳଙ୍କ ବିୟୋଗରେ ରବିବାର ସ୍ଥାନୀୟ ବାଲଗୋପାଳ ମନ୍ଦିର ସଭାକକ୍ଷରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅଧିବକ୍ତା ତଥା ବର୍ଷିୟାନ ନେତା ନିରାକାର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ସିପିଆଇ (ଏମ୍‌ଏଲ୍)ର ବିପ୍ଳବୀ ନେତା ସମର ବଳଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ସିପିଆଇଏମ୍ ନେତା ଚନ୍ଦ୍ରଶେଖର ନାୟକ, ସିପିଆଇ ନେତା ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଏସ୍‌ୟୁସିଆଇ ନେତା ରାମଚନ୍ଦ୍ର ଶଙ୍ଖୁଆ, ବରିଷ୍ଠ ଅଧିବକ୍ତା ଗିରିଧର ନାଥ, ଶ୍ରମିକ ନେତା ଦିବ୍ୟସିଂହ ନାୟକ, ପ୍ରଫେସର ଅଟଳ ବିହାରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କ୍ଷୀତିଶ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ସେମାନେ ବକ୍ତବ୍ୟ ରଖିଥିଲେ। ରବୀନ୍ଦ୍ର ସେଠୀ, ନୃସିଂହ ଦାସ, କିଶୋର ଜେନା, ଆଶିଷ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାର୍ଥୀପତ୍ର ଦାଖଲ କରିପାରିଲେନି, ଥାନାରେ ମାମଲା

**କେନ୍ଦୁଝର, ୨୩।୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ସରପଞ୍ଚ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲବେଳେ କେତେକ ଲୋକ ଗଣ୍ଡଗୋଳ କରି ଅଫିସରେ ତାଲା ପକାଇବାସହ ଉକ୍ତ ପ୍ରାର୍ଥୀଙ୍କୁ ନାମାଙ୍କନପତ୍ର ଦାଖଲ କରାଇ ଦେଇ ନ ଥିବା ନେଇ ପ୍ରଥମେ ଯୋଡ଼ା ବିଡିଓଙ୍କ ନିକଟରେ ଏବଂ ପରେ ବାମେବାରୀ ଥାନାରେ ଅଭିଯୋଗ ହୋଇଛି। ଏନେଇ ବାମେବାରୀ ପୋଲିସ ଏକ ମାମଲା (ନଂ ୧୨/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ପୁରୁଣାଡିହି ଗ୍ରାମର ଗୌରୀ ନାୟକ ୨୧ ତାରିଖ ଦିନ ୧୧ଟା ସମୟରେ ବଡକାଳିମାଟି ପଞ୍ଚାୟତକୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ତାଙ୍କ ସମର୍ଥକ ଏବଂ ପ୍ରସ୍ତାବକଙ୍କ ସହ ଆସିଥିଲେ। ଏହି ସମୟରେ ବଡକାଳିମାଟି ପଞ୍ଚାୟତ ଅଫିସ ସମ୍ମୁଖରେ କେତେଜଣ ବ୍ୟକ୍ତି ତାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଭିତରକୁ ପଶିବାକୁ ଦେଇ ନ ଥିଲେ ଏବଂ ସେମାନଙ୍କ ହାତରୁ ପ୍ରାର୍ଥୀପତ୍ର ଛଡାଇ ନେଇ ଚିରିଦେବା ସହ ଗାଳିଗୁଲଜ କରିଥିଲେ। ନାମାଙ୍କନ ଦାଖଲ କଲେ ଜୀବନରୁ ମାରି ଦେବାକୁ ମଧ୍ୟ ଧମକ ଦେଇଥିଲେ। ଉପସ୍ଥିତ ପୋଲିସ ପକ୍ଷରୁ ପ୍ରାର୍ଥୀଙ୍କୁ ସୁରକ୍ଷା ଦିଆ ନ ଯିବାରୁ ସରପଞ୍ଚ ପ୍ରାର୍ଥୀ ନାୟକ ମନୋନୟନ ପତ୍ର ଦାଖଲ କରି ନ ପାରି ଫେରିଯାଇଥିଲେ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ବାମେବାରି ଥାନା ଅଧିକାରୀ ଏ.ଏମ.ଟୁଡୁ କହିଛନ୍ତି, ମାମଲା ରୁଜୁ କରିବା ପରେ ଏହାର ତଦନ୍ତ ଦାୟିତ୍ୱ ଡିଏସପିଙ୍କୁ ଦିଆଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଯାଞ୍ଚ ପରେ ଜିଲାରେ ୧୩,୪୬୭ ପ୍ରାର୍ଥୀ

**ବାରିପଦା ଅଫିସ,୨୩।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପରେ ଶନିବାର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ମୟୂରଭଞ୍ଜ ଜିଲାରେ ୧୩ ହଜାର ୪୬୭ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ବେଳେ ୯୯୯ ଜଣଙ୍କର ନାକଚ ହୋଇଯାଇଛି। ୨୬୧ ଜିଲା ପରିଷଦ, ୧୮୫୫ ସମିତିସଭ୍ୟ, ୨୨୬୬ ସରପଞ୍ଚ ଓ ୯୦୫୫ ୱାର୍ଡସଭ୍ୟ ପ୍ରାର୍ଥୀ ରହିଥିବା ଜିଲା ପଞ୍ଚାୟତ ଅଧିକାରୀ ଭଗବାନ ଗୌଡା ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ୨୬ ବ୍ଲକର ମୋଟ ୧୪ ହଜାର ୬୬୬ ଜଣ ପ୍ରାର୍ଥୀପତ୍ର ନାମାଙ୍କନ ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ୨୭୯ ଜଣ ଜିଲା ପରିଷଦ, ୨୦୩୦ ସମିତିସଭ୍ୟ, ୨୪୩୪ ଜଣ ସରପଞ୍ଚ ଓ ୯୭୨୩ ଜଣ ୱାର୍ଡସଭ୍ୟ ପାଇଁ ଥିଲେ। ଯାଞ୍ଚ ବେଳେ ୧୮ ଜିଲା ପରିଷଦ, ୧୪୫ ସମିତିସଭ୍ୟ, ୧୬୮ ସରପଞ୍ଚ ଓ ୬୬୮ ୱାର୍ଡସଭ୍ୟ ପ୍ରାର୍ଥୀପତ୍ର ବିଭିନ୍ନ ତ୍ରୁଟି ଯୋଗୁ ନାକଚ ହୋଇଯାଇଛି।

### ୪୪୧ ପ୍ରାର୍ଥୀପତ୍ର ନାକଚ

**ଭଦ୍ରକ ଅଫିସ, ୨୩।୧**

ଭଦ୍ରକ ଜିଲାରେ ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ମୋଟ ୧୦,୦୧୪ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୪୪୧ ପ୍ରାର୍ଥୀପତ୍ର ନାକଚ ହୋଇଛି। ୯,୫୭୩ ଜଣଙ୍କର କାଏମ୍ ରହିଥିବା ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ସେଥିମଧ୍ୟରୁ ୭,୬୪୦ ୱାର୍ଡମେମ୍ବର ପ୍ରାର୍ଥୀପତ୍ର ମଧ୍ୟରୁ ୨୫୫, ୧,୨୪୨ ସରପଞ୍ଚ ନାମାଙ୍କ ପତ୍ରରୁ ୧୦୦ ଓ ୯୮୫ ଜଣ ସମିତିସଭ୍ୟ ପାଇଁ ନାମାଙ୍କନ ଦାଖଲ କରିଥିବା ବେଳେ ୮୬ ଜଣଙ୍କର ନାକଚ ହୋଇଯାଇଛି। ଜିଲା ପରିଷଦ ପାଇଁ ୧୪୭ ଜଣ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ସମସ୍ତ କାଏମ୍ ରହିଛି।

### ୮୪୧୧ କାଏମ ରହିଲା, ୬୮୦ ଜଣଙ୍କର ପ୍ରାର୍ଥୀପତ୍ର ନାକଚ

**କେନ୍ଦୁଝର, ୨୩।୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲାରେ ପଞ୍ଚାୟତ ନିର୍ବାଚନରେ ୱାର୍ଡମେମ୍ବର ପଦ ପାଇଁ ୬୩୩୫ ଜଣ, ସରପଞ୍ଚ ପଦ ପାଇଁ ୧୪୫୯ ଜଣ, ପଞ୍ଚାୟତ ସମିତି ସଭ୍ୟ ପଦ ପାଇଁ ୧୧୩୪ ଜଣ ଏବଂ ଜିଲା ପରିଷଦ ସଦସ୍ୟ ପଦ ପାଇଁ ୧୬୩ ଜଣଙ୍କୁ ମିଶାଇ ମୋଟ ୯୦୯୧ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ର ଯାଞ୍ଚ ସମୟରେ ୬୮୦ ଜଣଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଯାଇଥିବାବେଳେ ୮୪୧୧ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ୧୦୫୫ ପ୍ରାର୍ଥୀପତ୍ର ଖାରଜ, ୧୪, ୮୭୧କାଏମ୍

**ବାଲେଶ୍ୱର ଅଫିସ, ୨୩।୧**

ବାଲେଶ୍ୱର ଜିଲାରେ ରବିବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ୧୦୫୫ ପ୍ରାର୍ଥୀପତ୍ର ନାକଚ ହୋଇଥିବା ବେଳେ ୧୪, ୮୭୧ କାଏମ୍ ରହିଛି। ସୋର, ସିମୁଳିଆ, ସଦର, ଜଳେଶ୍ୱର, ନୀଳଗିରି, ବାଲିଆପାଳ, ଭୋଗରାଇ, ଔପଦା, ରେମୁଣା, ବସ୍ତା, ଖଇରା ଓ ବାହାନଗା ମୋଟ୍ ୧୨ଟି ବ୍ଲକର ୪୮୭୦ ୱାର୍ଡ଼ ପାଇଁ ୧୨ହଜାର ୨୭୯ ଜଣ ୱାର୍ଡମେମ୍ବର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ୫୬୧ଜଣଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି। ୧୧ହଜାର ୭୧୮ ଜଣଙ୍କର ପ୍ରାର୍ଥୀପତ୍ର କାଏମ ରହିଛି। ସେହିପରି ମୋଟ୍ ୩୫୬ ପଞ୍ଚାୟତ ପାଇଁ ୧୮୯୨ ସରପଞ୍ଚ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୬୩ଜଣଙ୍କର ନାକଚ ହୋଇଥିବା ବେଳେ ୧୬୨୯ ପ୍ରାର୍ଥୀପତ୍ର କାଏମ୍ ରହିଛି। ୩୫୬ ପଞ୍ଚାୟତ ପାଇଁ ୧୫୧୪ ଜଣ ସମିତିସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୬୬ ନାକଚ ହୋଇଥିବା ବେଳେ ୧୩୪୮ ପ୍ରାର୍ଥୀପତ୍ର କାଏମ୍ ରହିଛି। ଜିଲାର ୪୫ ଜିଲାପରିଷଦ ଜୋନ୍ ପାଇଁ ମୋଟ୍ ୨୪୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ୬୫ଜଣଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଥିବା ବେଳେ ୧୭୯ ପ୍ରାର୍ଥୀପତ୍ର କାଏମ୍ ରହିଛି।

### ସିଟିଜିରେ ନେତାଜୀଙ୍କ ଜୟନ୍ତୀ

**କେନ୍ଦୁଝର, ୨୩।୧(ଡି.ଏନ୍.ଏ.)**

କେନ୍ଦୁଝର ନ୍ୟୁ କଲୋନୀସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଟିଜି ଫାଉଣ୍ଡେଶନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ ଏବଂ କେନ୍ଦୁଝର ଡିଗ୍ରୀ କଲେଜରେ ଚେୟାରମ୍ୟାନ ରୋଟାରିଆନ୍ ଡ଼ ରାଜେନ୍ଦ୍ର କୁମାର ପଲେଇଙ୍କ ତତ୍ତ୍ୱାବଧାନରେ ନିରାଡମ୍ବର ଭାବେ ନେତାଜୀଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜର ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ମାର୍କେଟିଂଷ୍ଟାଫ୍‌ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

